## ଏମ୍‌କେସିଜି ମେଡ଼ିକାଲର ଜୈବ ବର୍ଜ୍ୟ ପରିଚାଳନାରେ ଅବହେଳା

# ନଷ୍ଟ ନହୋଇ ପଡ଼ିରହୁଛି ସଂକ୍ରମିତ ଛୁଞ୍ଚି, ସିରିଞ୍ଜ୍

ବ୍ରହ୍ମପୁର,୨୪।୮ (ସମିସ):

ଏମ୍‌କେସିଜି ମେଡ଼ିକାଲର ବିଭିନ୍ନ ବିଭାଗରୁ ବାହାରୁଥିବା ଜୈବ ବର୍ଜ୍ୟବସ୍ତୁକୁ ନଷ୍ଟ ନକରି ମାସାଧିକ କାଳ ମେଡ଼ିକାଲ ପରିସରରେ ପକାଇ ରଖାଯାଉଥିବା ଦେଖିବାକୁ ମିଳିଛି। ରୋଗୀଙ୍କ ଚିକିତ୍ସା ତଥା ନିଦାନରେ ବ୍ୟବହୃତ ଛୁଞ୍ଚି, ସିରିଞ୍ଜି ଓ ରକ୍ତ ନମୁନା ଭାଇଲ ପଡି ପୁତିଗନ୍ଧମୟ ପରିବେଶ ସୃଷ୍ଟି ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏନେଇ ସେମାନେ

**‘ଏସ୍‌ପିସିବି’ର ୨ ଜଣିଆ ଟିମ୍ କରିବ ତଦନ୍ତ**

**ଜାରି ହେବ କାରଣ ଦର୍ଶାଅ ନୋଟିସ- ରେଜିଷ୍ଟ୍ରାର**

ମେଡିକାଲ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ ହେଁ କେହି କର୍ଣ୍ଣପାତ କରୁନଥିବା ଜଣାପଡିଛି। ଏମ୍‌କେସିଜି ମେଡିକାଲର ଜୈବ ବର୍ଜ୍ୟ ପରିଚାଳନା କେନ୍ଦ୍ର ନିର୍ମାଣରେ ତ୍ରୁଟି ଯୋଗୁ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଡାକ୍ତରଖାନାରୁ ବାହାରୁଥିବା ସମସ୍ତ ବର୍ଜ୍ୟବସ୍ତୁକୁ ଶେରଗଡ଼ ସ୍ଥିତ ଏକ ଘରୋଇ ଜୈବ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ରକୁ ପଠାଯାଉଛି। ଚୁକ୍ତିନାମା ଅନୁଯାୟୀ ମେଡିକାଲ ପକ୍ଷରୁ ଜୈବ ବର୍ଜ୍ୟ ପରିଚାଳନା ନିମନ୍ତେ ଶଯ୍ୟା ପିଛା ୨୨ଟଙ୍କା





ହିସାବରେ ଘରୋଇ ପରିଚାଳନା କେନ୍ଦ୍ରକୁ ପ୍ରଦାନ କରାଯାଉଛି। ଏହା ସହ ପରିବହନ ବାବଦରେ କିଲୋମିଟର ପିଛା ୧୩ଟଙ୍କା ୫୦ପଇସା ପ୍ରଦାନ କରିବାକୁ ଚୁକ୍ତି ହୋଇଛି। ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲରୁ ପ୍ରତ୍ୟେକ ଦିନ ମଣିଷର ଅଙ୍ଗପ୍ରତ୍ୟଙ୍ଗ, ଟିସ୍ୟୁ, ରକ୍ତ ଓ ମଳଭିଜା କପଡ଼ା, ସିରିଞ୍ଜି, ସାଲାଇନ, ଅସ୍ତ୍ରୋପଚାର ବେଳେ ବାହାରୁଥିବା ବିଭିନ୍ନ ଅଙ୍ଗର ଅଂଶବିଶେଷ ଭଳି ବିଭିନ୍ନ ବର୍ଜ୍ୟବସ୍ତୁ ପ୍ରାୟ ଏକ କ୍ୱିଣ୍ଟାଲରୁ ଅଧିକ ବାହାରୁଛି। ମେଡ଼ିକାଲରୁ ବାହାରୁଥିବା ବର୍ଜ୍ୟବସ୍ତୁକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିମୟ ଅନୁସାରେ ନଷ୍ଟ କରିବାକୁ ଏମକେସିଜି ମେଡ଼ିକାଲ ପକ୍ଷରୁ ପ୍ରତିମାସରେ ପ୍ରାୟ ୬ଲକ୍ଷ ଟଙ୍କା ଉକ୍ତ ଘରୋଇ ସଂସ୍ଥାକୁ ପ୍ରଦାନ କରାଯାଉଛି। କିନ୍ତୁ ଦାୟିତ୍ୱରେ ଥିବା ସଂସ୍ଥା ନିୟମିତ ମେଡ଼ିକାଲରୁ ବାହାରୁଥିବା ଜୈବ୍ୟ ବର୍ଜ୍ୟକୁ ଉଠାଉ ନଥିବା ଅଭିଯୋଗ ହୋଇଛି। ଫଳରେ ମେଡ଼ିକାଲର ଜୈବ୍ୟ ବର୍ଜ୍ୟ ପରିଚାଳନା କେନ୍ଦ୍ର ପରିସରରେ ଏଗୁଡ଼ିକ ଗଦା ହୋଇ ପଡ଼ିରହିଛି। ବର୍ଷା ସମୟରେ ପଡ଼ି ରହିଥିବା ଛୁଞ୍ଚି, ସିରିଞ୍ଜି ଓ ରକ୍ତ ନମୁନା ଭାଇଲ ବର୍ଷାଜଳ ସହିତ ମିଶି ନିକଟସ୍ଥ ବାହାନା ନାଳରେ ସିଧାସଳଖ ପ୍ରବେଶ କରୁଥିବା ଅଭିଯୋଗ ହୋଇଛି। ଯଦ୍ୱାରା ଜଳ ପ୍ରଦୂଷଣ ସହ ସଂକ୍ରମଣ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଏଭଳି ଅଭିଯୋଗ ପାଇବା ପରେ ଦାୟିତ୍ୱରେ ଥିବା ଘରୋଇ ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବ ବୋଲି କହିଛନ୍ତି ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡା।

ସେହିପରି ମେଡ଼ିକାଲରେ ଜୈବ୍ୟ ବର୍ଜ୍ୟବସ୍ତୁ ପରିଚାଳନାରେ ରହିଥିବା ତ୍ରୁଟିକୁ ନେଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସପିସିବି)ର ୨ଜଣିଆ ଟିମ୍ ଘଟଣାର ତଦନ୍ତ ପାଇଁ ମେଡ଼ିକାଲ ଗସ୍ତ କରିବ ବୋଲି କହିଛନ୍ତି ଆଞ୍ଚଳିକ ଅଧିକାରୀ ଦୀପକ କୁମାର ସାହୁ। ଅପରପକ୍ଷେ ମେଡ଼ିକାଲରୁ ବାହାରୁଥିବା ବର୍ଜ୍ୟବସ୍ତୁକୁ ନଷ୍ଟ କରିବାକୁ ମେଡ଼ିକାଲ ପରିସରରେ ଜୈବ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ସ୍ଥାପନ କରାଯାଇଛି। କିନ୍ତୁ ମେଡ଼ିକାଲ କର୍ତ୍ତୃପକ୍ଷଙ୍କ ଅବହେଳା କାରଣରୁ କେନ୍ଦ୍ରରେ ଲାଗିଥିବା ଲକ୍ଷାଧିକ ମୂଲ୍ୟର ଯନ୍ତ୍ରାଂଶ ନଷ୍ଟ ହେବାରେ ଲାଗିଛି। ପ୍ଲାଣ୍ଟରେ ଲାଗିଥିବା ଇନସିନିରେଟର, ସ୍ରେଡ଼ର ଓ ମାଇକ୍ରୋୱେଭ ଏଭି ପ୍ରାୟ ୪କୋଟିରୁ ଅଧିକ ଟଙ୍କାର ବିଭିନ୍ନ ଯନ୍ତ୍ରାଂଶ ବ୍ୟବହାରଯୋଗ୍ୟ ହେଉନି। ନିୟମ ଅନୁଯାୟୀ ପ୍ଲାଣ୍ଟ ସମ୍ମୁଖରେ ଏଲ୍‌ଇଡି ମନିଟର ଲାଗିବା ଜରୁରୀ। ଫଳରେ ପ୍ଲାଣ୍ଟରୁ କେତେ ପରିମାଣର ଧୂଆଁ ନିର୍ଗତ ହେଉଛି, ତାହା ଏହି ଏଲ୍‌ଇଡି ମନିଟର ଜରିଆରେ ସାଧାରଣ ଲୋକ ଜାଣିପାରିବେ। ଯାହା ମେଡ଼ିକାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଲଗାଯାଇନି। ସେହିପରି ରାସ୍ତା ଠାରୁ ପ୍ଲାଣ୍ଟ ନିକଟକୁ ଫ୍ଲୋରିଂ ଓ ପ୍ଲାଣ୍ଟର ହାତଧୁଆ ପାଣି ସମେତ ବିଭିନ୍ନ ଦୂଷିତ ପାଣି ଇଟିପି ପ୍ଲାଣ୍ଟକୁ ଯିବା ପାଇଁ ସ୍ୱତନ୍ତ୍ର ଡ୍ରେନ ମଧ୍ୟ ନିର୍ମାଣ କରାଯାଇନାହିଁ। ଫଳରେ ଜୈବ ବର୍ଜ୍ୟବସ୍ତୁ ପରିଚାଳନାରେ ଏମ୍‌କେସିଜି ମେଡ଼ିକାଲ ପକ୍ଷରୁ ବାୟୋ ମେଡିକାଲ ୱେଷ୍ଟ ମ୍ୟାନେଜମେଣ୍ଟ ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିୟମର ଖୋଲାଖୋଲି ଉଲଂଘନ ହେଉଥିବା ଦର୍ଶାଇ ଅସ୍ଥାୟୀ ଭାବେ ମେଡ଼ିକାଲ ପରିସରରେ ଥିବା ଜୈବ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ରକୁ ବନ୍ଦ ରଖିବାକୁ ନିର୍ଦ୍ଦେଶ ରହିଛି।

## ଦୁଇ ବାଇକ୍ ଧକ୍କା; ଯୁବକ ମୃତ

ବ୍ରହ୍ମପୁର,୨୪।୮ (ସମିସ): ବ୍ରହ୍ମପୁର ଦିଗପହଣ୍ଡି ରାସ୍ତା କାଲୁଆ ଛକ ନିକଟସ୍ଥ ଏକ ପେଟ୍ରୋଲ ପମ୍ପ ସମ୍ମୁଖରେ ରବିବାର ସକାଳ ୭ଟାରେ ଏକ ବାଇକ୍‌କୁ ଆଉ ଏକ ବାଇକ୍ ପଛପଟୁ ଧକ୍କା ଦେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ଆଉ ଜଣେ ଗୁରୁତର ହୋଇଛନ୍ତି। ମୃତ ଯୁବକ ଜଣଙ୍କ ହେଲେ ବ୍ରହ୍ମପୁର ପାଣିଗ୍ରାହୀପେଣ୍ଠର ଦୀନେଶ ବିଷୋୟୀ(୨୨)। ଗୁରୁତର ବ୍ୟକ୍ତି ଜଣକ ହେଲେ ପାଟପୁର ଥାନା ଅନ୍ତର୍ଗତ କଲାରାପଦର ଗ୍ରାମର ବିଜୟ ପଟ୍ଟନାୟକ(୬୨)।

ସୂଚନାପ୍ରକାରେ, ଆଜି ସକାଳେ ବିଜୟ ଓ ତାଙ୍କର ଜଣେ ସହଯୋଗୀ ଏକ ବାଇକ୍‌ରେ କଲାରାପଦର ଗ୍ରାମରୁ ବ୍ରହ୍ମପୁର ଅଭିମୁଖେ ଆସୁଥିଲେ। ବିଜୟ ପଛରେ ବସିଥିବା ବେଳେ ତାଙ୍କ ସହଯୋଗୀ ବାଇକ୍ ଚଳାଉଥିଲେ। ଉଭୟ କାଲୁଆ ଛକ ପେଟ୍ରୋଲ ପମ୍ପକୁ ଯାଇ ପେଟ୍ରୋଲ ପକାଇବା ପରେ ମୁଖ୍ୟରାସ୍ତାକୁ ବାହାରିଥିଲେ। ଏହି ସମୟରେ ଅର୍ଥାତ ସକାଳ ୭ଟା ବେଳେ ଦିଗପହଣ୍ଡି ପଟୁ ଦୀନେଶ ଅନ୍ୟଏକ ବାଇକ୍‌ରେ ଦ୍ରୁତ ଗତିରେ ଆସି ବିଜୟ ବସିଥିବା ବାଇକକୁ ପଛପଟୁ ଧକ୍କା ଦେଇଥିଲେ। ଦୁର୍ଘଟଣା ଯୋଗୁ ଉଭୟ ବାଇକରେ ବସିଥିବା ୩ଜଣ ଛିଟିକି ରାସ୍ତାରେ ପଡିଥିଲେ। ସମସ୍ତଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଦୀନେଶଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ସଦର ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ପୁଲିସ ଦୁର୍ଘଟଣାଗସ୍ତ ୨ଟି ବାଇକକୁ ଜବତ କରି ତଦନ୍ତ କରୁଥିବା ଥାନା ଅଧିକାରୀ ରାମ ସୁବ୍ରମଣ୍ୟମ ପ୍ରଧାନ ସୂଚନା ଦେଇଛନ୍ତି।

## ଯୁବକଙ୍କୁ ଆକ୍ରମଣ ଅଭିଯୋଗ

ବ୍ରହ୍ମପୁର,୨୪।୮ (ସମିସ): ସ୍ଥାନୀୟ ହୁଗୁଲାପଟା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଜଣେ ଯୁବକଙ୍କୁ ଆକ୍ରମଣ ହୋଇଛି। ଏନେଇ ନିମଖଣ୍ଡି ଥାନାରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ, ମାର୍ଥାପଲ୍ଲୀର ନିବାସୀ ଏମ. ଶଙ୍କର ଗତ କିଛିଦିନ ପୂର୍ବେ ହୁଗୁଲାପଟା ପଞ୍ଚାୟତ ଅଫିସକୁ ଧାନମଣ୍ଡି ପାଇଁ ଆବେଦନ କରିବାକୁ ଯାଇଥିଲେ। ସେଠାରୁ ରମେଶ ଘରକୁ ଫେରୁଥିବା ବେଳେ ଗୋପାଳ ରାଇସ୍ ମିଲ ନିକଟରେ ଏମ. ଭଗବାନ, ଏମ. କେଶବ ଓ ଏମ. ପ୍ରକାଶ ଆଦି ୩ ଜଣ ତାଙ୍କୁ ଅଟକାଇ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଏପରିକି ତାଙ୍କ କୁକୁଡ଼ା ଫାର୍ମ ଜାଳି ଦେବାକୁ ଧମକ ଦେଇଥିଲେ। ଏନେଇ ନିମଖଣ୍ଡି ଥାନାରେ ଅଭିଯୋଗ ହେବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

## ଘରୁ ଟଙ୍କା ଓ ସୁନା ନେଇ ଦୁର୍ବୃତ୍ତ ଚମ୍ପଟ

ବ୍ରହ୍ମପୁର,୨୪।୮ (ସମିସ): ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଶ୍ରୀନଗର ନିବାସୀ ଯମୁନା ସେଠୀଙ୍କ ଘରୁ ଚୋରି ହୋଇଛି। ଏନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଶ୍ରୀନଗର ନିବାସୀ ଯମୁନା ତାଙ୍କ ସ୍ୱାମୀ ଦଣ୍ଡପାଣିଙ୍କ ସହ ରୁହନ୍ତି। ଦଣ୍ଡପାଣି ଏକ ଘରୋଇ ବସ୍‌ରେ କାର୍ଯ୍ୟରତ। ସେହିପରି ଯମୁନା ମଧ୍ୟ କାମ କରି ପରିବାର ଗୁଜରଣ ମେଣ୍ଟାନ୍ତି। ଶନିବାର ଯମୁନାଙ୍କ ଘରୁ ୩ଭରି ସୁନା ଅଳଙ୍କାର ଓ ନଗଦ ୫ହଜାର ଟଙ୍କା କେହି ଦୁର୍ବୃତ୍ତ ଚୋରି କରି ନେଇଛି।

# ବିଜେଡି ଜିଲ୍ଲା ସଭାପତିଙ୍କୁ ତୃଣମୂଳ କର୍ମୀଙ୍କ ସମ୍ବର୍ଦ୍ଧନା





ବ୍ରହ୍ମପୁର,୨୪।୮ (ସମିସ): ବିଜୁ ଜନତା ଦଳର ଗଞ୍ଜାମ ଜିଲ୍ଲା ସଭାପତି ବିକ୍ରମ ପଣ୍ଡାଙ୍କୁ ତାଙ୍କ କାର୍ଯ୍ୟାଳୟରେ ସୌଜନ୍ୟମୂଳକ ସାକ୍ଷାତ କରି ସମ୍ବର୍ଦ୍ଧନା ଜଣାଇଛନ୍ତି କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀର ବହୁ ବିଜେଡି ନେତା ଓ କର୍ମୀ। ଆଜି ମଧ୍ୟାହ୍ନରେ ଶତାଧିକ ସମର୍ଥକ ତାଙ୍କୁ ସମ୍ବର୍ଦ୍ଧନା ଜଣାଇବା ସହ ସଂଗଠନ ସମ୍ପର୍କରେ ଆଲୋଚନା କରିଥିଲେ। ଏନେଇ ଜିଲ୍ଲା ସଭାପତି ଶ୍ରୀ ପଣ୍ଡା କହିଛନ୍ତି ଯେ, ଆଗାମୀ ଦିନରେ ବ୍ଲକ ସଭାପତିଙ୍କ ନାମ ଘୋଷଣା ପରେ ପ୍ରତି ବ୍ଲକ ଗସ୍ତ କରିବା ସହିତ ସଂଗଠନକୁ ଆହୁରି କ୍ରିୟାଶୀଳ କରାଯିବ। ତାଙ୍କୁ ସାକ୍ଷାତ ବେଳେ କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀର ରାଜ୍ୟ ସାଧାରଣ ସମ୍ପାଦକ ପ୍ରମୋଦ କୁମାର ପଣ୍ଡା, କବିସୂର୍ଯ୍ୟନଗର କାଉନସିଲର ମନୋରଞ୍ଜନ ପାତ୍ର, ରଶୋଲ ଦାଶ, ବେଗୁନିଆପଡ଼ା ବ୍ଲକ ସଭାପତି ସୀମାଞ୍ଚଳ ସାମଲଙ୍କ ବହୁ ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ଥିଲେ।

## ‘ଟିମ୍ କ୍ଲିନ୍ ସିଟି’ର ସ୍ୱଚ୍ଛତା ଓ ପରିମଳ ଅଭିଯାନ ଜାରି

# ସଫେଇରେ ସାମିଲ ହେଲେ ବିଏମ୍‌ସି ଡେପୁଟି କମିଶନର

ବ୍ରହ୍ମପୁର,୨୪।୮ (ସମିସ): ରେଶମ ସହର ବ୍ରହ୍ମପୁରକୁ ସ୍ୱଚ୍ଛ, ସୁନ୍ଦର ଓ ସବୁଜିମା କରିବା ପାଇଁ ପଣ କରିଛି ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଟିମ୍ କ୍ଲିନ ସିଟି ବ୍ରହ୍ମପୁର। ଏହି ସଙ୍ଗଠନ ବର୍ତ୍ତମାନ ପ୍ରତ୍ୟେକ ରବିବାର ସଫେଇ କାର୍ଯ୍ୟକୁ ହାତକୁ ନେଇଛି। ଟିମ୍‌ର କାର୍ଯ୍ୟକୁ ବିଏମ୍‌ସି କମିଶନର ଆନ୍ତରିକାତାର ସହ ପ୍ରସଂଶା କରିବା ସହ ସହଯୋଗର ହାତ ବଢାଇଛନ୍ତି। ଯାହା ଟିମର ସମସ୍ତ ସଦସ୍ୟଙ୍କ ମନୋବଳକୁ ଅଧିକ ସୁଦୃଢ କରିପାରିଛି। ରବିବାର ଅନୁରୁପ ଭାବେ ଟିମ୍‌ର ସଦସ୍ୟମାନେ ସ୍ଥାନୀୟ ଏମ୍‌କେସିଜି ମେଡିକାଲ କଲେଜ ମୁଖ୍ୟ ଫାଟକ ନିକଟରୁ ଆମ୍ବପୁଆ ଅଭିମୁଖେ ବାହାରି ରାସ୍ତାର ଉଭୟ ପାଶ୍ୱର୍ର ପ୍ରାଚୀରରେ ଲାଗିଥିବା ବ୍ୟବସାୟିକ ପୋଷ୍ଟର ଓ ବ୍ୟାନରଗୁଡିକୁ ହଟାଇଥିଲେ। ଏହି କ୍ରମରେ ଇଂଜିନିୟରିଂ ସ୍କୁଲ ଛକସ୍ଥିତ ବିଏମସି ପକ୍ଷରୁ ପ୍ରତିଷ୍ଠା ହୋଇଥିବା ଯାତ୍ରୀ ବିଶ୍ରାମାଗାରରେ ଲାଗିଥିବା ପୋଷ୍ଟରକୁ ହଟାଇବା ସହ ସେଠାରେ ସଫେଇ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଏଥିରେ ବିଏମସିର ପରିମଳ ଦାୟିତ୍ୱରେ ଥିବା ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା ଦେବୀ ଉପସ୍ଥିତ ରହି ନିଜେ ଟିମ ସଦସ୍ୟଙ୍କ ସହିତ ମିଶି ସଫେଇ କାର୍ଯ୍ୟରେ ହାତ ବଢାଇଥିଲେ। ପରେ ବିଏମ୍‌ସିର ସଫେଇ କର୍ମଚାରୀମାନେ ଟିମ ସଦସ୍ୟଙ୍କ ଦ୍ୱାରା ରାସ୍ତାର ଉଭୟ ପାଶ୍ୱର୍ରୁ ବାହାର କରାଯାଇଥିବା ପୋଷ୍ଟର ଓ ବ୍ୟାନର ଗୁଡିକୁ ଉଠାଇ ନେଇଥିଲେ। ସହରର ସୌନ୍ଦର୍ଯ୍ୟ ରକ୍ଷା କେବଳ ବିଏମସିର ନୁହେଁ ବରଂ ପ୍ରତ୍ୟେକ ସହରବାସୀଙ୍କର। ଏଣୁ ଏଥିରେ ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ରହିଛି। ଏଣୁ ନିଜ ସହରକୁ ସ୍ୱଚ୍ଛ, ସବୁଜ ଓ ସୁନ୍ଦର କରିବା ପାଇଁ ସମସ୍ତଙ୍କୁ ଆଗେଇ ଆସିବାକୁ ବିଏମସି ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା ଦେବୀ ଆହ୍ୱାନ କରିଛନ୍ତି।




## ବ୍ରହ୍ମପୁର ପୁଲିସର ‘ରବିବାରରେ ସାଇକଲ ଯାତ୍ରା’



ବ୍ରହ୍ମପୁର,୨୪।୮ (ସମିସ): ଫିଟ୍ ଇଣ୍ଡିଆ ଅଭିଯାନ ଆନୁକୂଲ୍ୟରେ ବ୍ରହ୍ମପୁର ପୁଲିସ ପକ୍ଷରୁ “ରବିବାରରେ ସାଇକଲ ଯାତ୍ରା’ ଆରମ୍ଭ କରାଯାଇଛି। ରବିବାର ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍‌ଙ୍କ ନେତୃତ୍ୱରେ ୩୦ଜଣ ପୁଲିସ କର୍ମଚାରୀ ଏସ୍‌ପିଙ୍କ କାର୍ଯ୍ୟାଳୟରୁ ବାହାରି ଗୋପାଳପୁରକୁ ଯାଇ ପୁଣି ଥରେ କାର୍ଯ୍ୟାଳୟକୁ ଫେରିଥିଲେ। ଏହି ଅବସରରେ ‘ଫିଟ୍‌ନେସ କି ଡୋଜ୍-ଆଧା ଘଣ୍ଟେ ରୋଜ୍’ ବାର୍ତ୍ତା ଦିଆଯାଇଥିଲା। କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଖେଲୋ ଇଣ୍ଡିଆ ଜରିଆରେ ସମସ୍ତ ରାଜ୍ୟ ପୁଲିସକୁ ଫିଟ୍ ଇଣ୍ଡିଆ ଅଭିଯାନ ଅନୁସାରେ ରବିବାରରେ ସାଇକଲ ଯାତ୍ରା କରିବାକୁ ପରାମର୍ଶ ଦିଆଯାଇଛି। ସେହିକ୍ରମରେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କ ପକ୍ଷରୁ ଜିଲ୍ଲା ପୁଲିସ ମୁଖ୍ୟାଳୟକୁ ସାଇକଲ ଯାତ୍ରା କରିବାକୁ କୁହାଯାଇଥିବା ସୂଚନା ଦେଇଛନ୍ତି।

# ଅତିଥି ଅଧ୍ୟାପକଙ୍କ ଭରସାରେ ପିଏମ୍‌ଶ୍ରୀ ନବୋଦୟ ବିଦ୍ୟାଳୟ

ବ୍ରହ୍ମପୁର,୨୪।୮ (ସମିସ):

ଗଞ୍ଜାମ ଜିଲ୍ଲାର ଏକମାତ୍ର ପିଏମ ଶ୍ରୀ ନବୋଦୟ ବିଦ୍ୟାଳୟ ଏବେ ଅତିଥି ଅଧ୍ୟାପକଙ୍କ ଭରଷାରେ ଚାଲିଛି। ସୁରଙ୍ଗୀଠାରେ ଅବସ୍ଥିତ ଏହି ବିଦ୍ୟାଳୟରେ ସ୍ଥାୟୀ ଅଧ୍ୟାପକ ମଧ୍ୟ ନାହାନ୍ତି। ଯାହାକୁ ନେଇ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା କ୍ଷୁବ୍ଧ ପ୍ରକାଶ କରିଛନ୍ତି। ଏନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଜବାହର ନବୋଦୟ ବିଦ୍ୟାଳୟରେ ସ୍ଥାୟୀ ପ୍ରିନ୍ସିପାଲ୍ ନିଯୁକ୍ତି ଏବଂ ଶିକ୍ଷକ ପଦବୀ ପୂରଣ ନିମନ୍ତେ ବିଧାୟକ ଶ୍ରୀ ସମାନ୍ତରା କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଫୋନ୍ ମାଧ୍ୟମରେ ଅବଗତ କରାଇଛନ୍ତି। କେନ୍ଦ୍ରମନ୍ତ୍ରୀ ତାଙ୍କ ଆଗ୍ରହରେ ସକାରାତ୍ମକ ପ୍ରତିଶ୍ରୁତି ଦେଇ ଯଥାଶୀଘ୍ର ଜବାହର ନବୋଦୟ




ବିଦ୍ୟାଳୟ, ସୁରଙ୍ଗିରେ ସ୍ଥାୟୀ ପ୍ରିନ୍ସିପାଲ୍ ନିଯୁକ୍ତି ଏବଂ ଶିକ୍ଷକ ପଦବୀ ପୂରଣ କରିବେ ବୋଲି କହିଥିବା ବିଧାୟକ କହିଛନ୍ତି। ସୂଚନା ପ୍ରକାରେ ସୁରଙ୍ଗୀ ନବୋଦୟ ବିଦ୍ୟାଳୟରେ ଷଷ୍ଠଠାରୁ ଯୁକ୍ତ ପର୍ଯ୍ୟନ୍ତ ପଢିବାର ସୁଯୋଗ ରହିଛି। ଯୁକ୍ତ ଦୁଇରେ ବିଜ୍ଞାନ ଓ ବାଣିଜ୍ୟ ସ୍ରୋତରେ ପିଲାମାନେ ନାମ ଲେଖାଇ ପାଠ ପଢୁଛନ୍ତି। ଏଠାରେ ସମୁଦାୟ ୫୩୦ଜଣ ଛାତ୍ରଛାତ୍ରୀ ବିଭିନ୍ନ ଶ୍ରେଣୀରେ ପାଠ ପଢୁଛନ୍ତି। ଏଣେ ୨୦୨୨ମସିହାରୁ ଏଠାରେ ସ୍ଥାୟୀ ଅଧ୍ୟାପକ ନଥିବା ସୂଚନା ମିଳିଛି। ସମ୍ପ୍ରତି ଯିଏ ଦାୟିତ୍ୱରେ ଅଛନ୍ତି ତାଙ୍କର ପଦୋନ୍ନତି ହୋଇଥିବା ଜଣାପଡ଼ିଛି। ସେହିଭଳି ଯୁକ୍ତଦୁଇ କ୍ଷେତ୍ରରେ ପଦାର୍ଥବିଜ୍ଞାନ,

**୪ବର୍ଷ ଧରି ନାହାନ୍ତି ସ୍ଥାୟୀ ଅଧ୍ୟକ୍ଷ**

**କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କଲେ ବିଧାୟକ**

ରସାୟନ ବିଜ୍ଞାନ, କମ୍ପ୍ୟୁଟର ସାଇନ୍ସ, ଇଂରେଜୀ, ହିନ୍ଦୀ, କମର୍ସ ଓ ଅର୍ଥନୀତି ଆଦି ବିଭାଗରେ ଅଧ୍ୟାପକ ପଦବୀ ଖାଲି ପଡ଼ିଥିବା ବେଳେ ଅତିଥି ଅଧ୍ୟାପକଙ୍କ ଦ୍ୱାରା କାର୍ଯ୍ୟ ସମ୍ପାଦନ ହେଉଥିବା ଜଣାପଡ଼ିଛି। ସେହିଭଳି ହାଇସ୍କୁଲ କ୍ଷେତ୍ରରେ ମଧ୍ୟ ୪ଟି ଅଧ୍ୟାପକ ପଦବୀ ଖାଲି ପଡ଼ିଥିବା ସୂଚନା ମିଳିଛି। ଅନୁରୂପ ଭାବେ ଲାଇବ୍ରେରିଆନ ପଦବୀ ମଧ୍ୟ ଖାଲି ପଡ଼ିଥିବା ଜଣାଯାଇଛି। ଏହି ବିଦ୍ୟାଳୟ ଉପରେ ଅନେକ ମେଧାବୀ ଛାତ୍ରଛାତ୍ରୀ ନିର୍ଭର କରୁଥିବା ବେଳେ ଏଠାରେ ବିଭିନ୍ନ ବିଭାଗରେ ସ୍ଥାୟୀ ପଦବୀ ଖାଲି ପଡ଼ିବା ପରିତାପର ବିଷୟ ହୋଇଛି। ସ୍କୁଲରେ ମାଙ୍କଡ଼ ଉପଦ୍ରବ ବଢି ଚାଲିଥିବା ବେଳେ ଛାତ୍ରଛାତ୍ରୀମାନେ ବହୁ ସମୟରେ ସମସ୍ୟାର ସମ୍ମୁଖିନ ହେଉଛନ୍ତି। ଏହାକୁ ଦୃଷ୍ଟି ଦେଇ ତୁରନ୍ତ ସମାଧାନ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଥିବା ବେଳେ ଏନେଇ ବିଧାୟକ ଶ୍ରୀ ସାମନ୍ତରା ଅବଗତ ହୋଇ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଚିକିଟି ନିର୍ବାଚନ ମଣ୍ଡଳୀ ସମେତ ଗଞ୍ଜାମ ଜିଲ୍ଲାର ଶିକ୍ଷା କ୍ଷେତ୍ରରେ ଥିବା ସମସ୍ୟାକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ସମାଧାନ ବାଟ ବାହାର କରିବା ମୋର ପ୍ରଥମ କର୍ତ୍ତବ୍ୟ ବୋଲି ଶ୍ରୀ ସାମନ୍ତରା ପ୍ରକାଶ କରିଛନ୍ତି।

# ବଣରେ ଲୁଚିଗଲାଣି ଏନ୍‌ଏଚ୍‌ର ଏମର୍ଜେନ୍ସି କଲ୍ ବକ୍ସ

ବ୍ରହ୍ମପୁର,୨୪।୮ (ସମିସ)

ଜାତୀୟ ରାଜପଥରେ ଶତାଧିକ ଯାତାୟତ କରୁଥିବା ଯାତ୍ରୀଙ୍କ ପାଇଁ ଜାତୀୟ ରାଜପଥ ପ୍ରାଧିକରଣ(ଏନଏଚଏଆଇ) ପକ୍ଷରୁ ବିଭିନ୍ନ ସୁବିଧା ଯୋଗାଇ ଦିଆଯାଉଛି। ଏହିକ୍ରମରେ ୧୬ନମ୍ବର ଜାତୀୟ ରାଜପଥର ରାସ୍ତାକଡ଼ରେ ଏମର୍ଜେନ୍ସି କଲ ବକ୍ସ(ଇସିବି) ବା ଏସ୍‌ଓଏସ୍ କଲ ବ୍ୟବସ୍ଥା ଲାଗୁ କରାଯାଇଛି। ଏହାଦ୍ୱାରା କୌଣସି ଜରୁରୀକାଳୀନ ସ୍ଥିତିରେ ଯାତ୍ରୀମାନେ ଏହାକୁ ବ୍ୟବହାର କରି ବିଭିନ୍ନ ସେବା ପାଇପାରିବେ। ପୁଇଁତଳାଠାରୁ ଇଚ୍ଛାପୁର ପର୍ଯ୍ୟନ୍ତ ମୋଟ ୬୪.୫କିଲୋମିଟର ୧୬ନମ୍ବର ଜାତୀୟ ରାଜପଥ ଏନ୍‌ଏଚ୍‌ଏଆଇ ବ୍ରହ୍ମପୁର ଶାଖା ଅଧୀନରେ ରହିଛି। ଏହି ୬୪.୫ କିଲୋମିଟର ରାସ୍ତାର ଉଭୟ ପାଶ୍ୱର୍ରେ ମୋଟ ୬୪ଟି ଏମର୍ଜନ୍ସେ କଲ୍ ବକ୍ସ ସ୍ଥାପନ କରାଯାଇଛି। ପ୍ରତି ୨କିଲୋମିଟର ଦୂରତା ବ୍ୟବଧାନରେ ଏହି ବକ୍ସ ଲଗାଯାଇଛି। ରାସ୍ତାକଡ଼ରେ ଥିବା ଏକ ଖୁଣ୍ଟରେ ବକ୍ସକୁ ଝୁଲାଇ ଦିଆଯାଇଛି। ଏହା ସୌରଶକ୍ତି ଚାଳିତ ହୋଇଥିବାରୁ ବର୍ଷା, ଖରା ଓ ଶୀତରେ ମଧ୍ୟ ଖରାପ ହୋଇନଥାଏ। ବିଭାଗ ପକ୍ଷରୁ ଏହାର ସରଳ ବ୍ୟବହାର ବିଷୟରେ ଲୋକଙ୍କୁ ଅବଗତ କରାଯାଇଛି। ସଡ଼କ ସୁରକ୍ଷା ସଚେତନତା ପାଳନ ସମୟରେ ମଧ୍ୟ ଉକ୍ତ ବକ୍ସ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଉଛି। ଏହି ବକ୍ସରେ ବଟନ ଦବାଇଲେ ନିକଟସ୍ଥ ଟୋଲ ଗେଟରେ ଥିବା ଆମ୍ବୁଲାନ୍ସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆହତ ବ୍ୟକ୍ତିଙ୍କୁ ନିକଟସ୍ଥ ମେଡ଼ିକାଲରେ ପହଞ୍ଚାଇଥାଏ। ଉକ୍ତ ବକ୍ସ ଦୁର୍ଘଟଣା ସମୟରେ ତ୍ୱରିତ ସହାୟତା, ଲୁଟପାଟ ତଥା ଅନ୍ୟ ସହାୟତା, କୌଣସି ଅପରାଧୀକ ଘଟଣାର ସମ୍ମୁଖୀନ ହେଲେ କିମ୍ବା ଟ୍ରାଫିକ୍ ସମସ୍ୟା ଆଦି ବିଭିନ୍ନ ଅସୁବିଧା ସମୟରେ ଯାତ୍ରୀଙ୍କ ପାଇଁ ସହାୟକ ହୋଇପାରିବ। ଏହା ଦେଖିବାକୁ ଏକ ଟେଲିଫୋନ୍ ଭଳି। ତ୍ୱରିତ ସହାୟତା ପାଇଁ ଯାତ୍ରୀମାନେ ଏହା ସାହାଯ୍ୟରେ ନିକଟସ୍ଥ ଥାନା, ଅଗ୍ନିଶମ ବିଭାଗ ଓ ଆମ୍ବୁଲାନ୍ସକୁ ଯୋଗାଯୋଗ କରିପାରିବେ। ଏଥିସହିତ ଏହି ବକ୍ସ ଜରିଆରେ ନିକଟରେ ଥିବା ପେଟ୍ରୋଲ ପମ୍ପ ଓ ଗ୍ୟାରେଜ ସମ୍ପର୍କରେ ମଧ୍ୟ ତଥ୍ୟ ମିଳିପାରିବ। ବିଶେଷକରି ଦୁର୍ଘଟଣାଗ୍ରସ୍ତଙ୍କ ଜୀବନ ବଞ୍ଚାଇବାରେ ଏହି ସେବା ସହାୟକ ହୋଇପାରିବ। କିନ୍ତୁ ରାସ୍ତା କଡ଼ରେ ରହିଥିବା ଏମର୍ଜେନ୍ସି କଲ ବକ୍ସ ଯାତ୍ରୀଙ୍କ ବ୍ୟବହାରରେ ଲାଗୁନି। ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ରକ୍ଷଣାବେକ୍ଷଣ ଅଭାବରୁ ଏମର୍ଜେନ୍ସି କଲ ବାକ୍ସର ଚତୁଃପାଶ୍ୱର୍ରେ ଲଟାବୁଦାରେ ପରିପୂର୍ଣ୍ଣ ହେଇ ରହିଥିବା ଦେଖିବାକୁ ମିଳିଛି। ପୁଇଁତଳାରୁ ଇଚ୍ଛାପୁର ଜାତୀୟ ରାଜପଥର ଅନେକ ସ୍ଥାନରେ ସ୍ଥାନିତ ଏମର୍ଜେନ୍ସି କଲ ବକ୍ସ ଅଲୋଡ଼ା ହୋଇ ପଡିଛି। କିଛି ସ୍ଥାନରେ ଏସଓଏସ ବୋର୍ଡ ଲାଗିଥିବା ବେଳେ ନିକଟରେ ଏମର୍ଜେନ୍ସି କଲ ବକ୍ସ ନାହିଁ। ଏଭଳି କ୍ଷେତ୍ରରେ ଜରୁରୀକାଳୀନ ସମୟରେ ଯାତ୍ରୀମାନେ ଜରୁରୀ ସେବା ନ ପାଇ ହନ୍ତସନ୍ତ ହେଉଛନ୍ତି। ରାତି ଅନ୍ଧାରରେ ଜାତୀୟ ରାଜପଥରେ ଦୁର୍ଘଟଣା ଶିକାର ହୋଇଥିବା ଯାତ୍ରୀ ଜାତୀୟ ରାଜପଥ ପ୍ରାଧିକରଣୀ ମନମୁଖୀ କାର୍ଯ୍ୟ ଯୋଗୁଁ ଏହି ଜରୁରୀକାଳୀନ ସେବାକୁ ବଞ୍ଚିତ ହେଉଛନ୍ତି। ତେଣୁ ଜାତୀୟ ରାଜପଥ କଡ଼ରେ ଲାଗିଥିବା ଏମର୍ଜେନ୍ସି କଲ ବକ୍ସ ଗୁଡ଼ିକୁ ତୁରନ୍ତ ମରାମତି କରିବା ନିମନ୍ତେ ବିଭିନ୍ନ ମହଲରେ ଦାବି ହୋଇଛି।



● ପୁଲିସ୍ ଓ ଅବକାରୀ ବିଭାଗ ନିରବ

## ଆସୁଛି ପାର୍ବଣ; ବଢ଼ିଲାଣି ଚୋରା ମଦ କାରବାର

ସାନଖେମୁଣ୍ଡି,୨୪।୮ (ସମିସ): ପାର୍ବଣ ଋତୁ ଆଉ ଦିନ କେଉଟା ବାକି ଥିବାବେଳେ ପାଟପୁର ଥାନା ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ଚୋରାମଦ ବେପାରୀ ସକ୍ରିୟ ହୋଇଉଠିଲେଣି। ଦିନ ଦ୍ୱିପହରରେ ମୁଖ୍ୟ ରାସ୍ତା କଡ଼ରେ ପେଟି ପେଟି ମଦ କାରବାର ହେଉଛି। ମଦ ଦୋକାନରେ ମଧ୍ୟ କଳାବଜାରୀ ହେଉଛି। ସାନଖେମୁଣ୍ଡି ବ୍ଲକ ଅଞ୍ଚଳରେ ଗୋଟାଏ ବିଦେଶୀ ମଦ ଦୋକାନ ଥିବା ବେଳେ ଉକ୍ତ ମଦ ଦୋକାନରୁ ଗୋଟାଏ ଗାଡ଼ି ମଦ ଲୋଡ୍ ହୋଇ ଅଞ୍ଚଳରେ ଥିବା ସମସ୍ତ କୁଚିଆ ମଦ ଦୋକାନ ଗୁଡ଼ିକୁ ମଦ ଯୋଗାଇ ଦେଉଛି। ପାଟପୁର ଥାନା ଡେଙ୍ଗାଡି, ରମ୍ଭଣି ଛକ, ଖଲିଙ୍ଗି, ପାଟପୁର, ରାଧାଦେଇପୁର, ପଳାଶପୁର, ସାହାସପୁର, ଜଗନ୍ନାଥପୁର, ଜିଉରା, ସୁମନ୍ତପୁର, ନରସିଂହଗଡ଼, ସିଙ୍ଗିପୁର, ଡେଙ୍ଗାଓସ୍ତା, ପୋଡ଼ାମାରି ଅଞ୍ଚଳରେ ବାହୁମାତ୍ରାରେ ଚୋରା ମଦ କାରବାର ହେଉଛି। ତାହା ସହିତ ପାନ ଦୋକାନ, ଜଳଖିଆ ଦୋକାନ ଓ ହୋଟେଲ ମାନଙ୍କରେ ମଧ୍ୟ ଚୋରାମଦ ମିଳୁଛି। ସାନଖେମୁଣ୍ଡି ଅଞ୍ଚଳ ଦିଗପହଣ୍ଡି ଅବକାରୀ ବିଭାଗ ଅଧିନରେ ଯାଉଥିବା ବେଳେ ନାମକୁ ମାତ୍ର ଚଢ଼ଉ କରି ବେପାରୀଙ୍କୁ ଛାଡ଼ିଦେଉଥିବ ସାଧାରଣରେ ଆଲୋଚନା ହେଉଛି। ଜିଲ୍ଲା ଅବକାରୀ ବିଭାଗ ଏକ ଟିମ୍ ପାଟପୁର ଅଞ୍ଚଳରୁ ଗତ କିଛିଦିନ ପୂର୍ବେ ଏକ ମଦ ଦୋକାନରେ ଚଢ଼ଉ କରି ବିପୁଳ ପରିମାଣର ନକଲି ମଦ ଜବତ କରି ଦୋକାନ ମାଲିକକୁ ଗିରଫ କରିଥିବା ବେଳେ କିଛିଦିନ ଅଞ୍ଚଳରେ ଥିବା ମଦ ଦୋକାନ ଗୁଡ଼ିକୁ ବନ୍ଦ କରିଦେଇଥିଲେ। କିନ୍ତୁ ଗତ କିଛିଦିନ ହେବ ପୁଣି ବେପାର ଜମିଲାଣି। ତେଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ହତ୍ୟା ଉଦ୍ୟମ ଅଭିଯୋଗରେ ତିନି ଗିରଫ

ଦିଗପହଣ୍ଡି,୨୪।୮ (ସମିସ): ଦିଗପହଣ୍ଡି ଥାନା ଅନ୍ତର୍ଗତ ଝରିପଦର ଗ୍ରାମରେ ପୈତୃକ ସମ୍ପତ୍ତି ବିବାଦକୁ ନେଇ ସ୍ୱାମୀ - ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଗ୍ରାମର ଏନ. ସୁଲଭ ରେଡ୍ଡୀ ଏବଂ ତାଙ୍କ ସ୍ୱାମୀ ଏନ୍. ରାମ ରେ‡ୀ ଏକ ଜଳଖିଆ ଦୋକାନରେ କାମ କରୁଥିବା ସମୟରେ ଗତ ଶୁକ୍ରବାର ରାତିରେ ଗ୍ରାମର ଏନ୍. ଅଭି ରେଡ୍ଡୀ, ଏନ୍. ଲବ ରେଡ୍ଡୀ ଏବଂ ଏନ୍. ଘନ ରେଡ୍ଡୀ ୩ ଜଣ ସଂଘବଦ୍ଧ ଭାବେ ଦୁହିଁଙ୍କ ଉପରେ ଆକ୍ରମଣ କରିଥିବା ଜଣାପଡିଛି। ଆକ୍ରମଣରେ ରାମଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ସୁଲଭଙ୍କୁ ଟଣାଓଟରା ସହ ମାଡ ମରାଯାଇଥିବା ସେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଭିତ୍ତିରେ ଆଇଆଇସି ପ୍ରଶାନ୍ତ କୁମାର ପାତ୍ର ଦିଗପହଣ୍ଡି ଥାନା ମାମଲା ସଂଖ୍ୟା ୩୦୪/୨୫ ପ୍ରକାରେ ମାମଲା ରୁଜୁ କରି ତଦନ୍ତ ଚଳାଇବା ସହ ତିନିଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

କବିସୂର୍ଯ୍ୟନଗର,୨୪।୮ (ସମିସ): ରବିବାର ଭୋର ୪ଟାରେ କବିସୂର୍ଯ୍ୟନଗର ୱାର୍ଡ ନଂ. ୧୨ର କାଉନ୍‌ସିଲର ବିପିନ ବିହାରୀ ଶତପଥୀ କଣାବନ୍ଧକୁ ଗାଧୋଇବାକୁ ଯିବାବେଳେ ହୃଦଘାତ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୦ ବର୍ଷ ହୋଇଥିଲା। ମୃତ୍ୟୁ ଖବର ପ୍ରସାରିତ ହେବା ପରେ ବନ୍ଧୁବାନ୍ଧବ ସମେତ ଭାରପ୍ରାପ୍ତ ଏନଏସି ଅଧ୍ୟକ୍ଷ ବିକ୍ରାନ୍ତ କୁମାର ସାହୁ, ସମାଜସେବୀ ଇ. ମାହେଶ୍ୱରୀ ଦୋରା, ଲାୟନ୍ସ କ୍ଲବ ସଭାପତି ତଥା ସାମ୍ବାଦିକ କୃପାସିନ୍ଧୁ ସ୍ୱାଇଁ, ସାମ୍ବାଦିକ ନାରାୟଣୀ ପ୍ରସାଦ ମିଶ୍ର ଓ ଗଣେଶ ଡାକୁଆ, ଶିକ୍ଷାବିତ୍ ମିହିର କୁମାର ଶତପଥୀ, ଲେଖକ ରାମନାଥ ମାଝୀ ଓ ଯଜ୍ଞଦତ୍ତ ସାମନ୍ତରା ପ୍ରମୁଖ କାଉନସିଲର ସମେତ ବହୁ ମାନ୍ୟଗଣ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ସ୍ୱର୍ଗତ ବିପିନ ବିହାରୀ ଶତପଥୀ ଏକାଧାରରେ ଜଣେ ବାଗ୍ମୀ, କବି, ଶିଶୁଗାଳ୍ପିକ, ଆଦର୍ଶ ଶିକ୍ଷକ ଓ ରାଜନେତା ଥିଲେ। ବର୍ତ୍ତମାନ ସେ ୱାର୍ଡ ନଂ.୧୨ର କାଉନସିଲର ଭାବେ କାର୍ଯ୍ୟରତ ଥିଲେ।

## ଚାରାରୋପଣ କାର୍ଯ୍ୟକ୍ରମ

ଛତ୍ରପୁର,୨୪।୮ (ସମିସ): ଯଶୋଦା ଫାଉଣ୍ଡେସନ୍ ପକ୍ଷରୁ ଛତ୍ରପୁର ବ୍ଲକ୍ ଅନ୍ତର୍ଗତ ନିମପଲ୍ଲୀ ଗ୍ରାମରେ ବୃକ୍ଷରୋପଣ ଓ ଚାରା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଯାଇଛି। ଟ୍ରଷ୍ଟି ସାଗରିକା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ଆଇନଜୀବୀ ପ୍ରଶାନ୍ତ କୁମାର ଶତପଥୀ, ଭ୍ରମରା ଦାସ ପ୍ରମୁଖ ଯୋଗଦେଇ ଏକଶହ ପରିବାରକୁ ବିଭିନ୍ନ କିସମର ଫଳ ଚାରା ବଣ୍ଟନ କରିଥିଲେ। ପରେ ସମସ୍ତେ ବୃକ୍ଷରୋପଣ କରିଥିଲେ। କାର୍ଯ୍ୟକ୍ରମକୁ ପୁଷ୍ପାଞ୍ଜଳି ସାହୁ ଓ ସୁଦେଷ୍ଣା ସାହୁ ସହଯୋଗ କରିଥିଲେ।

## ଚିନ୍ମୟ ମିଶନ ଆଶ୍ରମରେ ଗୀତା ଜ୍ଞାନଯଜ୍ଞ

ଆସିକା,୨୪।୮ (ସମିସ): ସ୍ଥାନୀୟ ଚିନ୍ମୟ ମିଶନଠାରେ ଦୀର୍ଘ ତିନି ବର୍ଷ ଧରି ଚାଲିଥିବା ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଶ୍ରୀମଦ୍‌ଭାଗବଦ୍ ଗୀତା ଜ୍ଞାନଯଜ୍ଞର ପୂର୍ଣ୍ଣାହୁତି ଉତ୍ସବ ଆୟୋଜିତ ହୋଇଛି। ବାରିପଦା ଚିନ୍ମୟ ମିଶନର ଆଚାର୍ଯ୍ୟ ସ୍ୱାମୀ ଗୋବିନ୍ଦାନନ୍ଦଙ୍କ ଦ୍ୱାରା ପ୍ରବଚନ ମାଧ୍ୟମରେ ଭକ୍ତ ମାନଙ୍କୁ ଭାଗବତ ଗୀତାର ସମସ୍ତ ଅଧ୍ୟାୟର ସରଳ ବ୍ୟାଖ୍ୟା ମନ୍ତ୍ରମୁଗ୍ଧ କରିଥିଲା। ଉଦଯାପନୀରେ ବିଧାୟକ ସରୋଜ କୁମାର ପାଢ଼ୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଆସିକା ଚିନ୍ମୟ ମିଶନର ସଭାପତି ଲକ୍ଷ୍ମୀନାରାୟଣ ଗୁପ୍ତା ଏବଂ ସଚିବ ନିରଞ୍ଜନ ମହାନ୍ତିଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଧାୟକ ଶ୍ରୀ ପାଢ଼ୀ ଆସିକା ଚିନ୍ମୟ ମିଶନର ଏପରି ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ପ୍ରଶଂଶା କରିବା ସହ ଚିନ୍ମୟ ମିଶନର ଅତିରିକ୍ତ କୋଠରୀ ନିମନ୍ତେ ଦୁଇଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିବା ପାଇଁ ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି।

## ଚାଷୀଙ୍କୁ ମିଳୁନି ସାର ; କଳାବଜାରୀ ରୋକିବାକୁ ଦାବି

ଛତ୍ରପୁର,୨୪।୮ (ସମିସ)

ପିଡିଆ ସାରର ଅଭାବ ଯୋଗୁଁ ଦୁଇଗୁଣା ଅଧିକ ଦରରେ ବିକ୍ରି ହେଉଥିବା ନେଇ ଚାଷୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ବର୍ତ୍ତମାନ ଜିଲ୍ଲାରେ ସବୁଆଡେ ଧାନ ରୁଆ ଚାଲିଛି। ତେଣୁ ପିଡିଆ ସାର ସବୁ ଚାଷୀଙ୍କୁ ଜମିରେ ପ୍ରୟୋଗ କରିବାକୁ ପଡୁଛି। ମାତ୍ର ସାରର ଅଭାବ ଦେଖାଦେଇଛି। ସୋସାଇଟି ପାଖରେ ସାର ନାହିଁ ଡିଲର ମାନେ ଅଧିକା ଦରରେ କିଣି ଦୁଇ ଗୁଣରେ ବିକୁଛନ୍ତି। ବେଗୁନିଆପଡା ବ୍ଲକରେ ସାର ମିଳୁନଥିବାରୁ ୟୁରିଆ ସାର ୭୦୦/ଟଙ୍କାରେ ବିକୁଛନ୍ତି ବୋଲି ଚାଷୀ ନେତା ଜୋହାନ ସ୍ୱାଇଁ ଅଭିଯୋଗ କରିଛନ୍ତି। ସେହିପରି ଛତ୍ରପୁର ବ୍ଲକରେ ମଧ୍ୟ ୫୨୦ଟଙ୍କାରେ ବିକ୍ରି ହେଉଛି ବୋଲି ଚାଷୀନେତା ନରେନ୍ଦ୍ର ପଢିଆରି ଓ ମୋହନ ବେହେରା ଅଭିଯୋଗ କରିଛନ୍ତି ଖଲିକୋଟ ବ୍ଲକରେ ମଧ୍ୟ ଏପରି କଳା ବଜାରୀ ଚାଲିଛି ବୋଲି ହଜାରୀ ଗୌଡ଼ ଓ ରାମମୋହନ ପଣ୍ଡା କହିଛନ୍ତି। ସାରର ସବୁ ଆଡେ ଚଢ଼ା ଦରରେ ବିକ୍ରିକୁ ରୋକିବା ସହ କୃଷି ବିଭାଗ ଯାଞ୍ଚ କରିବାର ଆବଶ୍ୟକତା ରହିଛି। ସରକାର ଚାଷୀ ମାନଙ୍କୁ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ସାର ଯୋଗାଇଲେ ଚାଷୀ ଉପକୃତ ହେବେ। ଖାଲି କାଗଜ ପତ୍ରରେ ଦର୍ଶା ଯାଉଛି ସିନା ପ୍ରକୃତରେ ସମସ୍ତ ଚାଷୀ ମାନେ ପିଡିଆ ସାର ପାଇ ପାରୁନାହାନ୍ତି। ଏହା ଯୋଗୁଁ ଚାଷୀ କୂଳ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ପ୍ରତି ବର୍ଷ ସାରର ସମସ୍ୟା ରହୁଥିବାରୁ ଚାଷୀମାନେ ଖତ ସାର ବ୍ୟବହାର କଲେ ରାସାୟନିକ ସାର କମ ଦରକାର ହେବ। ଏଣୁ କୃଷି କର୍ମଚାରୀ ମାନେ ଚାଷୀକୁ ଅଧିକ ଖତ ସାର ଦେବାକୁ ସଚେତନ କରାଇଲେ ଜମିର ଉର୍ବର ବଢିବ ବୋଲି ଋଷିକୁଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ କହିଛନ୍ତି।



## ୮ ଜୁଆଡ଼ି ଗିରଫ

ଆସିକା,୨୪।୮ (ସମିସ): ଆସିକା ଥାନା ଅନ୍ତର୍ଗତ ବାଲିଛାଇ ଗାଁ ନିକଟରେ ଜୁଆଆଡ୍ଡା ଚାଲିଥିବା ଖବର ପାଇ ସ୍ଥାନୀୟ ପୁଲିସ ଚଢ଼ଉ କରିଥିଲା। ସେଠାରୁ ୮ ଜୁଆଡ଼ିଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ନଗଦ ୨୦ ହଜାର ୬୫୦ ଟଙ୍କା, ଚାରୋଟି ମୋବାଇଲ, ତାସ କାଟା ସହ ଜରିପାଲ ଜବତ କରିଛି। ଗିରଫ ଜୁଆଡ଼ିମାନେ ହେଲେ ବିଜୁ ଗୌଡ଼, ଦିଲୀପ ବିଷୋୟୀ, ବାଉରୀ ବନ୍ଧୁ ସାହୁ, ଦିଲୀପ ଜେନା, ନାରାୟଣ ସେଠୀ, ମନୋଜ ବିଷୋୟୀ, ଗାଣ୍ଡୁ ବେହେରା ଓ କୁନା ଗୌଡ଼ ବୋଲି ଆସିକା ପୁଲିସ ସୂଚନା ଦେଇଛି। ନଂ.୪୮୧/୨୦୨୫ରେ ଏକ ମାମଲା ରୁଜୁ ହୋଇଛି।

## ୧୧ରେ ପାଳନ ହେବ ଘୁମୁସର ଦିବସ



ଭଞ୍ଜନଗର,୨୪।୮ (ସମିସ): ଘୁମୁସର ବିକାଶ ପରିଷଦ, ଭଞ୍ଜନଗର ତରଫରୁ ସ୍ଥାନୀୟ ବନବିଭାଗ ଡାକବଙ୍ଗଳା ଠାରେ ସେପ୍ଟେମ୍ବର ୧୧ରେ ଘୁମୁସର ଦିବସ ଦିବସ ପାଳନ ପାଇଁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ କରି ତତ୍‌କାଳୀନ ରସଲକୋଣ୍ଡା ମୁକାମରେ ଠାକୁରାଣୀ ପଡ଼ିଆ ବର୍ତ୍ତମାନ ଘୁମୁସର ରାଜସ୍ୱ ଉପଖଣ୍ଡ ଭଞ୍ଜନଗର ୧୮୭୦ ମସିହା ସେପ୍ଟେମ୍ବର ୧୧ରେ ରାଜା ଶ୍ରୀ ବେଙ୍କେଟେଶ ଦେଓ, ଦୀନବନ୍ଧୁ ପଟନାୟକ ଆଦି ମହାପୁରୁଷଙ୍କ ନେତୃତ୍ୱରେ ଓଡିଆ ଭାଷା ଆନ୍ଦୋଳନ ଆରମ୍ଭ ହେବା ବିଗୁଲ ବାଜିଥିଲା। ସେହି ସ୍ମୃତିକୁ ଉଜ୍ଜୀବିତ କରିବାକୁ ଘୁମୁସର ଦିବସ ପାଳନ ନେଇ ପରିଷଦ ସଭାପତି ବରିଷ୍ଠ ଆଇନଜୀବୀ ସୋମନାଥ ନାୟକ କହିଛନ୍ତି। ପ୍ରଥମ କରି ଓଡିଆ ଦିବସ ଘୁମୁସର ଦିବସ ୧୦୦ ପଞ୍ଚାୟତରେ, ୫ଟି ବ୍ଲକରେ ପଥପ୍ରାନ୍ତ ସଭା, ସ୍ଥାନୀୟ ସମସ୍ତ ଅନୁଷ୍ଠାନ, ସମସ୍ତ ରାଜନୈତିକ ଦଳ ସହଯୋଗରେ ଘୁମୁସର ଦିବସକୁ ଗଣପର୍ବ ରୂପେ ପାଳନ କରିବା ଓ ଘୁମୁସରର ତିନି ବିରଳ ଜାତୀୟ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ(ଶାସ୍ତ୍ର) ଜାତୀୟ ବୀର ଚକରା ବିଷୋୟୀ (ଶସ୍ତ୍ର) ଜାତୀୟ ଗୋବଂଶ ଘୁମୁସରୀ ଗାଇ (ଶାସ୍ତ୍ରର୍ଥ) କାହାଣୀ ପଲ୍ଲୀରୁ ଦିଲ୍ଲୀ ନିଆଯିବ ପରିଷଦ ସମ୍ପାଦକ ପ୍ରେସ ଇସ୍ତାହର ଦେଇଛନ୍ତି। ଉପଦେଷ୍ଟଓ ଡାଃ କୃତିବାସ ବିଶ୍ୱାଳ ଓ ପରିଷଦ ବରିଷ୍ଠ କର୍ମକର୍ତ୍ତା ସୁଶାନ୍ତ ପାତ୍ର, ରବିନାରାୟଣ ସାମନ୍ତ, ଗୋପାଳ ଚନ୍ଦ୍ର ଲେଙ୍କା ଓ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

**ରାଜଭବନ ଆଗରେ ଧାରଣାରତ ସରପଞ୍ଚଙ୍କ ପରିବାରକୁ ଧମକ ଘଟଣା**

## ଧମକ ଦେଇଥିବା ଅଲିଆ ଗିରଫ

ପୋଲସରା,୨୪।୮ (ସମିସ): ପୋଲସରା ଥାନା ଅନ୍ତର୍ଗତ ଧୂଙ୍କାପଡ଼ାର ପୂର୍ବତନ ସରପଞ୍ଚ ଆରତୀ ଦେବୀଙ୍କ ପରିବାରକୁ ଧମକ ଦେବା ଘଟଣାରେ ପୁଲିସ କଣଛାଇ ଗ୍ରାମର ସମର କେଶରୀ ଜଗଦ୍ଦେବ ଜେନା ଓରଫ( ଅଲିଆ) କୁ ଗିରଫ କରିଛି। ସମରକେଶରୀ ଶନିବାର ସନ୍ଧ୍ୟାରେ ଆରତୀ ଦେବୀଙ୍କ ଘର ଭିତରେ ଜୋରଜବରଦସ୍ତ ପଶି ତାଙ୍କ ମା' ରମା ଭୂୟାଁ ଓ ବାପା ଭାସ୍କର ଭୂୟାଁଙ୍କୁ ଗାଳିଗୁଲଜ ସହ ଝିଅ ଧାରଣାରୁ ନ ହଟିଲେ ପୁରା ପରିବାରକୁ ଜୀବନରେ ମାରିବାକୁ ଧମକ ଦେଇଥିଲା। ଏହାପରେ ରମା ଭୂୟାଁ ପୋଲସରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଅଲିଆ ଜେନାକୁ ଉଠାଇଆଣି ଅଟକ ରଖିଥିଲା। ଏନେଇ ପୋଲସରା ଥାନାରେ ଏକ ମାମଲା ରୁଜୁ କରି ପୁଲିସ ରବିବାର ଅଭିଯୁକ୍ତକୁ କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ କୌଶିକ ମାଝୀ କହିଛନ୍ତି। ପ୍ରକାଶ ଯେ ଧୂଙ୍କାପଡାର ପୂର୍ବତନ ସରପଞ୍ଚ ଆରତୀ ଦେବୀ ଧୂଙ୍କାପଡା ନିକଟରେ ଥିବା ଦହିମୁଣ୍ଡିଆ ପାହାଡ଼ରେ ବେଆଇନ ପଥର ବ୍ଲାଷ୍ଟିଂ, ବେଆଇନ ପଥର ଖନନ, କୃଷ୍ଣସାର ମୃଗର ଅବାଧ ଶିକାର ଓ ଗ୍ରାମକୁ ଘେରି ରହିଥିବା ପ୍ରାକୃତିକ ପରିବେଶ ଓ ପଶୁପକ୍ଷୀଙ୍କ ସୁରକ୍ଷା ଭଳି ୭ ଦଫା ଦାବି ନେଇ ଅଗଷ୍ଟ ୧୦ରୁ ଭୁବନେଶ୍ୱର ରାଜଭବନ ନିକଟରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିଛନ୍ତି। ଆରତୀଙ୍କ ଏହି ଧାରଣା ୧୫ ଦିନରେ ଫହଁଚିଛି। କିନ୍ତୁ ଏଯାବତ ସେ କୌଣସି ପ୍ରତିଶ୍ରୁତି ପାଇନଥିବା ଜଣାପଡିଛି।



## ଲୋକଙ୍କ ଚିନ୍ତା ବଢ଼ାଉଛି ୫୯ ନଂ. ଜାତୀୟ ରାଜପଥ



ଧରାକୋଟ,୨୪।୮ (ସମିସ)

ଦିନେ ନୁହେଁ ସବୁଦିନ ଯାତାୟାତ ବେଳେ ଲୋକଙ୍କ ସମସ୍ୟା ବଢ଼ାଉଛି ୫୯ ନଂ. ଜାତୀୟ ରାଜପଥ। ଗୋପାଳପୁର ଠାରୁ ଖରିଆର ରୋଡ଼ ଯାଇଥିବା ଜାତୀୟ ରାଜପଥ ନଂ.୫୯ର କାଳକଣ୍ଠପୁର ଠାରୁ ଗୋଲା ଦାମୋଦର ପଲି ପର୍ଯ୍ୟନ୍ତ ତିନି କିମି ରାସ୍ତା କଥା କହିଲେ ନସରେ। ବ୍ରହ୍ମପୁର ଠାରୁ ଆସିକା ଦେଇ ଧରାକୋଟ, ସୋରଡ଼ା, ଦାରିଙ୍ଗିବାଡି, ବାଲିଗୁଡା ଯିବାପାଇଁ ପ୍ରତିଦିନ ଲୋକେ ବିଭିନ୍ନ ଗାଡ଼ି ମଟରରେ ଏହି ରାଜପଥ ଉପରେ ନିର୍ଭର କରିଥାନ୍ତି। ହେଲେ ଦୀର୍ଘ ଚାରିବର୍ଷ ପୂର୍ବରୁ ଏକ ନିର୍ମାଣକାରୀ ସଂସ୍ଥା ଏହି ରାଜପଥ ନିର୍ମାଣ ପାଇଁ ଠିକା ନେଇ ଜାତୀୟ ରାଜପଥ ବିଭାଗ ସହ ଚୁକ୍ତିନାମା ସ୍ୱାକ୍ଷରିତ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏହା ସରିନାହିଁ। ସଂପୃକ୍ତ ତିନି କିମି ରାସ୍ତା ମଧ୍ୟରେ କାଳକଣ୍ଠପୁର ଓ ଗୋଲା ଦାମୋଦର ପଲି ଗାଁ ରହିଛି। ବର୍ତ୍ତମାନ ସୁଦ୍ଧା ଉଭୟ ଗାଁରେ ରାସ୍ତାର ଦୁଇ ପାଶ୍ୱର୍ରେ ଡ୍ରେନ ନିର୍ମାଣ ହୋଇନାହିଁ। ଏଣୁ ବର୍ଷା ଜଳ ନିଷ୍କାସନ ହୋଇପାରୁନାହିଁ। ଯାହା ଫଳରେ ରାସ୍ତା ସାରା ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇ ନିତିଦିନ ଦୁର୍ଘଟଣା ଘଟି ଧନଜୀବନ ହାନୀ ହେଉଛି। ଆଶ୍ଚର୍ଯ୍ୟର କଥା ବ୍ରହ୍ମପୁର ଜାତୀୟ ରାଜପଥ ଡିଭିଜନ ଅଧୀନରେ ଏହି ଅଞ୍ଚଳ ଆସୁଛି।

ଏହାର ତଦାରଖ ପାଇଁ ଆସିକା ଓ ସୋରଡ଼ାରେ ସେକ୍ସନ କାର୍ଯ୍ୟାଳୟ ରହିଛି। ପ୍ରତିବର୍ଷ ରକ୍ଷଣାବେକ୍ଷଣ ନାମରେ ରାସ୍ତା ପାଶ୍ୱର୍ରେ ଲତା ବୁଦା ସଫା ଓ ପଟହୋଲ ମାରିବା ନାଁରେ ବିଭାଗୀୟ ଅଧିକାରୀ ମାନେ ହାତ ଚିକଣ କରି ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରୁଥିଲେ ମଧ୍ୟ ଏହି ତିନି ରାସ୍ତାର ଠିକଣା ଭୁଲି ଯାଉଥିବା ଭଳି ମନେ ହେଉଛି। ଘଟଣା ସମ୍ପର୍କରେ ବିଭାଗୀୟ ଅଧିକାରୀ ମାନଙ୍କ ସହ ଯୋଗାଯୋଗ କରିବାକୁ ଉଦ୍ୟମ କରିବା ବେଳେ ଫୋନ ଉଠାଉନାହାନ୍ତି। ସରକାର 'ସଡ଼କ ସୁରକ୍ଷା ଜୀବନ ରକ୍ଷା' ଡାକ ଦେବା ସହ ଉତ୍ତମ ସଡ଼କ ନିର୍ମାଣ ପାଇଁ କୋଟି କୋଟି ଟଙ୍କା ବ୍ୟୟ କରୁଥିଲେ ମଧ୍ୟ ଏହି ତିନି କିମି ରାସ୍ତା ନିର୍ମାଣ ପାଇଁ ରାଜପଥ ବିଭାଗ କାହିଁକି ପଛୁଆ ହେଉଛି ତାହା ସାଧାରଣ ଲୋକଙ୍କ ପାଇଁ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ବ୍ରହ୍ମାକୁମାରୀ ପକ୍ଷରୁ ରକ୍ତଦାନ ଶିବିର

ଛତ୍ରପୁର,୨୪।୮ (ସମିସ)



ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାନ୍ତି ଅନୁଭୂତି ଛତ୍ରପୁର ଶାଖା ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରୁ ମୋଟ ୩୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଯାଇଛି। ଛତ୍ରପୁର ଶାଖାର ମୁଖ୍ୟ ସଂଚାଳିକା ବ୍ରହ୍ମାକୁମାରୀ ବିଜୟଲକ୍ଷ୍ମୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ରକ୍ତଦାନ ଶିବିରକୁ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛତ୍ରପୁର ଓକିଲ ସଂଘ ସଭାପତି ପ୍ରଦୀପ କୁମାର ପାଢୀ, ଆଇନଜୀବୀ ଡଃ ପ୍ରଶାନ୍ତ କୁମାର ଶତପଥୀ, ଯୁବ ନେତା ବନୋଜ କୁମାର ନାହାକ, ସଞ୍ଜିତ୍ କୁମାର ରାଉଳ ଓ ଡ଼ି. ସୁରେଶ ରେଡ୍ଡୀ, ରାଧେଶ୍ୟାମ ଫାଉଣ୍ଡେସନ ଏଣ୍ଡ ଚାରିଟେବୁଲ ଟ୍ରଷ୍ଟର ସଭାପତି ତଥା କାଉନସିଲର ଦେବାଶିଷ ମିଶ୍ର, ସାମ୍ବାଦିକ କେ.ସତ୍ୟନାରାୟଣ ରେଡ୍ଡୀ, ବସନ୍ତ କୁମାର ମହାରଣା, ସରୋଜ କୁମାର ସାମଲ, ଭଗବାନ ଦାଶ, ପ୍ରଶାନ୍ତ କୁମାର ମହାରଣା ଓ ସନ୍ତୋଷ କୁମାର ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଛତ୍ରପୁର ଶାଖାର ମୁଖ୍ୟ ସଂଚାଳିକା ବ୍ରହ୍ମାକୁମାରୀ ବିଜୟଲକ୍ଷ୍ମୀ, ବ୍ରହ୍ମାକୁମାରୀ ରଜନୀକାନ୍ତ ପଟ୍ଟନାୟକ, ସୀମାଞ୍ଚଳ ଦାଶ, ବାଲକୃଷ୍ଣ, ଗୋପାଳ ସାମନ୍ତରାୟ, କବିରାଜ ବେହେରା, ପଙ୍କଜ କୁମାର ନାୟକ ଓ ବ୍ରହ୍ମାକୁମାରୀ ମାମାଲି, ଭାଗ୍ୟ, ପିଙ୍କି, ସବିତା, ଦୀପା ପ୍ରମୁଖ ସହଯୋଗ କରିଥିଲେ।

## ସହାୟତା ଅପେକ୍ଷାରେ ଅନାଥ ଭାଇ-ଭଉଣୀ

ସାନଖେମୁଣ୍ଡି,୨୪।୮ (ସମିସ)



ଅନାଥ ଶିଶୁଙ୍କ ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବା ବେଳେ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ଖାମଖିଆଲି ନୀତି ଯୋଗୁ କିଛି ଅନାଥ ଶିଶୁ ସରକାରୀ ସୁବିଧାରୁ ବଞ୍ଚିତ ରହିଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ସାନଖେମୁଣ୍ଡି ବ୍ଲକ ସାତପେଣ୍ଠ ଗୋପାଳପୁର ଗ୍ରାମ ପଞ୍ଚାୟତର ଗୁଡ଼ିଆପାଟଣା ଗ୍ରାମରେ। ବାପା ମାଆଙ୍କ ମୃତ୍ୟୁ ପରେ ଅନାଥ ଭାଇ ଓ ଭଉଣୀ ସାନଖେମୁଣ୍ଡି ବ୍ଲକ ଖଲିଙ୍ଗି ପଞ୍ଚାୟତ ଦୁଦୁରାପଦର ଗ୍ରାମରେ ଥିବା ନିଜ ଆଇ ଓ ଅଜାଙ୍କ ଘରେ ରହି ଜୀବନ ବିତାଉଛନ୍ତି। ସୂଚନା ମୁତାବକ, ଦୁଦୁରାପଦର ଗ୍ରାମର ସୁନୀତା ଗୌଡ଼ ଗୁଡ଼ିଆପାଟଣା ଗ୍ରାମର ମହେଶ୍ୱର ଗୌଡ଼ଙ୍କୁ ୧୫ ବର୍ଷ ପୂର୍ବେ ବିବାହ କରିଥଲେ। ଉଭୟଙ୍କ ଗୋଟିଏ ଝିଅ ଓ ଗୋଟିଏ ପୁଅ ରହିଛି। ୨ ବର୍ଷ ପୂର୍ବେ ମହେଶ୍ୱରଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଥିବାବେଳେ ଦୁଃଖେକଷ୍ଟେ ପରିବାର ଚଳାଉଥିଲେ ସୁନୀତା। ମାତ୍ର ସ୍ୱାମୀଙ୍କୁ ଝୁରି ଝୁରି ୧୦ମାସ ତଳେ ସେ ବି ଆରପାରିକୁ ଚାଲିଗଲେ। ଘରେ ରହିଛନ୍ତି ମାନସିକ ରୋଗରେ ଆକ୍ରାନ୍ତ ଜେଜେ ମା' ଓ ପିଉଷୀ ନାନୀ। ସେମାନେ ନାତି-ନାତୁଣୀଙ୍କ ଭରଣ ପୋଷଣ କରିବାକୁ ସକ୍ଷମ ହେଲେନାହିଁ। ଫଳରେ ବାପା ଓ ମାଆଙ୍କ ମୃତ୍ୟୁ ପରେ ଝିଅ ଲିଝିଲ ଗୌଡ(୧୨) ଓ ପୁଅ ଶୁଭମ୍ ଗୌଡ଼(୭) ଅନାଥ ହୋଇଯାଇଥିଲେ। ସେଥିପାଇଁ ନିଜ ଅଜା ଘର ଗାଁ ଦୁଦୁରାପଦର ଯାଇ ରହିଥିଲେ।

ଉଭୟ ଭାଇ-ଭଉଣୀଙ୍କ ମନରେ ପଢା ପାଇଁ ଇଚ୍ଛା ଥିବାରୁ ବହୁ କଷ୍ଟରେ ଅଜା ଘର ଗାଁରେ ରହି ପାଠ ପଢୁଛନ୍ତି। ଅଜା ଓ ଆଇଙ୍କ ବୟସ ଅଧିକ ହୋଇଯାଇଥିବାରୁ ଚଳିବା କଷ୍ଟକର ହେଉଛି। ଏଭଳି ଘଟଣା ନେଇ ସ୍ଥାନୀୟ ଲୋକେ ପ୍ରସାଶନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଆଜି ସୁଦ୍ଧା କୌଣସି ସହାୟତା ମିଳିନଥିବାବେଳେ କେହି ମଧ୍ୟ ଏମାନଙ୍କୁ ସହାୟତାର ହାତ ବଢ଼ାଇ ନାହାନ୍ତି। ସ୍ଥାନୀୟ କିମ୍ବା ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

